# NATIONAL NEWS BULLETIN (ODIA)

**10 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଆଜି ଉଦ୍‌ଯାପନୀ ଦିବସରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି

- ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆଜିଠାରୁ ଆରମ୍ଭ ହେଉଛି ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ

- ମହାକୁମ୍ଭ-୨୦୨୫କୁ ସମର୍ପିତ ଆକାଶବାଣୀର 'କୁମ୍ଭବାଣୀ ଚ୍ୟାନେଲ୍' ଲୋକାର୍ପିତ

ଏବଂ

- ଏକଦିବସୀୟ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଗୁଜରାଟରେ ଚାଲିଛି ଭାରତ-ଆୟାରଲ୍ୟାଣ୍ଡ ମଧ୍ୟରେ ମୁକାବିଲା ।

---

## ପ୍ରେଜ୍-ପ୍ରବାସୀ ଭାରତୀୟ ସମ୍ମାନ

ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର

ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ସମାରୋହସ୍ଥଳରେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଓଡ଼ିଶା ପାଭିଲିୟନ୍ ସମେତ ବିଭିନ୍ନ ମଣ୍ଡପରେ ଲୋକକଳା, ହସ୍ତକଳା ଓ ପାରମ୍ପରିକ କାରୁକାର୍ଯ୍ୟ ବୁଲି ଦେଖିଥିଲେ । ସାରାବିଶ୍ୱରେ ଓଡ଼ିଶାର ସାଂସ୍କୃତିକ ବିଭବକୁ ପ୍ରଦର୍ଶନ କରିବା ଲାଗି ପାଭିଲିୟନ ପ୍ରସ୍ତୁତ କରାଯାଇଛି ।

ଆଜି ଶ୍ରୀମତୀ ମୁର୍ମୁ ଅପରାହ୍ନ ୩ଟାରେ ପ୍ରାୟ ୭୫ଟି ଦେଶରୁ ଏହି ସମ୍ମିଳନୀରେ ସାମିଲ ହୋଇଥିବା ବହୁ ସଂଖ୍ୟକ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିବା ସହ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ ।

ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ପ୍ରବାସୀ ଭାରତୀୟମାନଙ୍କୁ ଆଜି ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ । ପ୍ରବାସୀ ଭାରତୀୟ, ଭାରତୀୟ ବଂଶୋଦ୍ଭବ, ସେମାନଙ୍କ ଦ୍ୱାରା ପରିଚାଳିତ ସଂଗଠନ ଯେଉଁମାନେ ବିଦେଶରେ ରହି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତଥା ଭାରତ ଏବଂ ବିଦେଶ ମଧ୍ୟରେ ସୁ-ସଂପର୍କ ସ୍ଥାପନ ଦିଗରେ ଅବଦାନ ଦେଇଛନ୍ତି, ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ବୁଧବାର ଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ସମ୍ମିଳନୀର ଆଜି ହେଉଛି ଶେଷ ଦିନ ।

## ଦୁବାଇ-ପିବିଏସ୍ ଆୱାର୍ଡ

ଦୁବାଇରେ ରହୁଥିବା ପ୍ରସିଦ୍ଧ ଭାରତୀୟ ଚିକିତ୍ସକ ଡକ୍ଟର ସୟଦ ଅନୱାର ଖୁର୍ସିଦଙ୍କୁ ଆଜି ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର-୨୦୨୫ ପ୍ରଦାନ କରାଯିବ । ବିଦେଶରେ ରହୁଥିବା ଭାରତୀୟମାନଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଏହା ହେଉଛି ସର୍ବୋଚ୍ଚ ସମ୍ମାନ । ଭାରତ ଏବଂ ସାଉଦୀ ଆରବ

ମଧ୍ୟରେ ଡକ୍ଟର ଖୁର୍ସିଦ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଉଭୟ ଦେଶ ମଧ୍ୟରେ ସଂପର୍କ ଦୃଢ଼ କରିବା ଦିଗରେ ପ୍ରମୁଖ ଅବଦାନ ଦେଇଛନ୍ତି । ୪୫ ବର୍ଷ ଧରି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡକ୍ଟର ଖୁର୍ସିଦ ସାଉଦିଆରବର କିଙ୍ଗ୍ ଫଇଜଲ୍ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି । କୋଭିଡ ମହାମାରୀ ସମୟରେ ଦୁବାଇରେ ରହୁଥିବା ଭାରତୀୟମାନଙ୍କୁ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇବା ସହ ସେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହା ବ୍ୟତୀତ ହଜ୍ ଯାତ୍ରା ସମୟରେ ଭାରତୀୟ ଯାତ୍ରୀମାନଙ୍କୁ ମୀନା ଏବଂ ଆରାଫତ୍‌ରେ ଦୀର୍ଘ ୩୦ ବର୍ଷ ହେବ ଡକ୍ଟର ଖୁର୍ସିଦ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଆସୁଛନ୍ତି । କିଙ୍ଗ୍ ଅବଦୁଲାଙ୍କର ସେ ମଧ୍ୟ ବ୍ୟକ୍ତିଗତ ଚିକିତ୍ସକ ଭାବେ କାର୍ଯ୍ୟ କରିଥିଲେ ।

## ଦିଲ୍ଲୀ ଆସେମ୍ବ୍ଲି ନୋଟିଫିକେସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ । ସୂଚନା ଅନୁଯାୟୀ ପ୍ରାର୍ଥୀମାନେ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିପାରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ରହିଛି ।

ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ମାସ ୫ ତାରିଖରେ ମତଦାନ ହେବ । ଫେବୃୟାରୀ ୮ ତାରିଖରେ ଭୋଟ୍‌ଗଣତି କରାଯାଇ ସେହିଦିନ ଫଳାଫଳ ପ୍ରକାଶ ପାଇବ । ଦିଲ୍ଲୀରେ ୧ କୋଟି ୫୫ ଲକ୍ଷରୁ ଅଧିକ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରେ ୮୩ ଲକ୍ଷରୁ ଅଧିକ ପୁରୁଷ ଓ ୭୧ ଲକ୍ଷରୁ ଅଧିକ ମହିଳା ଭୋଟର ଅଛନ୍ତି ।

ଇତିମଧ୍ୟରେ ଶାସକ ଆମ୍ ଆଦମୀ ପାର୍ଟି ସମସ୍ତ ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ୨୯ ଏବଂ କଂଗ୍ରେସ ୪୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୨୦୨୦ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ୬୨ଟି ଆସନ ପାଇଥିବା ବେଳେ ବିଜେପିକୁ ୮ଟି ଆସନ ମିଳିଥିଲା ।

## ପିଏମ୍-ଜୟଚନ୍ଦ୍ରନ୍

ପ୍ରସିଦ୍ଧ କଣ୍ଠଶିଳ୍ପୀ ପି.ଜୟଚନ୍ଦ୍ରନଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଅମର ଆତ୍ମାର ସଦ୍‌ଗତି କାମନା କରି କହିଛନ୍ତି, ଜୟଚନ୍ଦ୍ରନଙ୍କ ଗାୟନ ଶୈଳୀ ସମସ୍ତଙ୍କୁ ଆକୃଷ୍ଟ କରୁଥିଲା । ସେ ଆଗାମୀ ପିଢ଼ି ପାଇଁ ପଥପ୍ରଦର୍ଶକ  ହୋଇ ରହିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ବିକଶିତ ଭାରତ-ଡାଏଲଗ୍

ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମରେ ଆଜିଠାରୁ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଆରମ୍ଭ ହେବ । ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ବିକଶିତ ଭାରତ ପାଇଁ ଅଭିନବ ସମାଧାନ ଉପସ୍ଥାପନ କରିବା ଲାଗି ସୁଯୋଗ ପ୍ରଦାନ କରିବ । ଯୁବ ନେତୃତ୍ୱଙ୍କୁ ଦେଶର ଭବିଷ୍ୟତ ଗଠନରେ ଜାତୀୟ ଏବଂ ଆନ୍ତର୍ଜାତିକ ନେତୃତ୍ୱଙ୍କ ସହ ସିଧାସଳଖ ଯୋଗାଯୋଗ କରିବାର ଏହି ମଞ୍ଚ ସହାୟକ ହେବ । ମନ୍ତ୍ରଣାଳୟ କହିଛି, ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦

ଲକ୍ଷ ଯୁବକ ଯୁବତୀ ସେମାନଙ୍କ ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ପାଇଁ ସାରା ଦେଶରୁ ୩ ହଜାର ଯୁବକଯୁବତୀଙ୍କୁ ଚୟନ କରାଯାଇଛି । ୧୦ଟି ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ଉପସ୍ଥାପନା କରିବେ । ବିଶେଷତଃ ବିକଶିତ ଭାରତ, କୃଷି ଉତ୍ପାଦକତା ବୃଦ୍ଧି, ଷ୍ଟାର୍ଟଅପ୍ ଓ ଭବିଷ୍ୟତ ଭିତ୍ତିଭୂମି ନିର୍ମାଣ ଆଦି ବିଷୟରେ ପ୍ରତିଯୋଗୀମାନେ ସେମାନଙ୍କ ଚିନ୍ତାଧାରା ପ୍ରକାଶ କରିବେ ବୋଲି ଜଣାପଡ଼ିଛି ।

## କୁମ୍ଭବାଣୀ

ମହାକୁମ୍ଭ-୨୦୨୫କୁ ସମର୍ପିତ ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍ ଆଜି ଉତ୍ତରପ୍ରଦେଶର ପ୍ରୟାଗରାଜରେ ଲୋକାର୍ପିତ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଚ୍ୟାନେଲ୍‌କୁ ଲୋକାର୍ପଣ କରି କହିଛନ୍ତି, କୁମ୍ଭବାଣୀ କେବଳ ଯେ ଅଧିକ ଲୋକପ୍ରିୟ ହୋଇଛି ତାହା ନୁହେଁ, ଏହା ଦୂରଦୂରାନ୍ତ ଅଞ୍ଚଳରେ ଲୋକମାନଙ୍କ ନିକଟରେ ପହଞ୍ଚି ପାରିବ । ମହାକୁମ୍ଭ ସଂପର୍କରେ ସମସ୍ତ ତଥ୍ୟ ଏହା ମାଧ୍ୟମରେ ପ୍ରସାରିତ ହେବ ବୋଲି ସେ କହିଛନ୍ତି । ମହାକୁମ୍ଭର ଲୋକପ୍ରିୟତା ଓ କୋଟିକୋଟି ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ଆଗମନ ଦୃଷ୍ଟିରୁ କୁମ୍ଭବାଣୀ ଚ୍ୟାନେଲ୍ ଉପାଦେୟ ହେବ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ସଂସ୍କୃତି ଓ ଲୋକ ପରମ୍ପରାକୁ ସହଜରେ ପହଞ୍ଚାଇବାର ଏକମାତ୍ର ମାଧ୍ୟମ ହେଉଛି ଆକାଶବାଣୀ । ଏହି ଅବସରରେ ସେ କିଭଳି ପିଲାବେଳେ ଆକାଶବାଣୀରୁ ରାମଚରିତ ମାନସ

ଶୁଣୁଥିଲେ, ସେ ସଂପର୍କରେ କହିଥିଲେ । କୁମ୍ଭବାଣୀ ଜରିଆରେ ପ୍ରସାର ଭାରତୀ ମହାକୁମ୍ଭର ପ୍ରତ୍ୟେକଟି ଘଟଣାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି ସେ କହିଛନ୍ତି ।

ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ କୁମ୍ଭ ମଙ୍ଗଳ ଧୁନ୍ ଉନ୍ମୋଚନ କରିଛନ୍ତି । ଆଭାସୀ ଜରିଆରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଯୋଗଦେଇ ରେଡିଓ ଚ୍ୟାନେଲ୍ ଉଦ୍‌ଘାଟନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ପ୍ରସାରଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ କହିଛନ୍ତି, ମହାକୁମ୍ଭର ପ୍ରତ୍ୟେକଟି ଘଟଣାର ସିଧା ପ୍ରସାରଣ ଆକାଶବାଣୀ ଏବଂ ଦୂରଦର୍ଶନ ଜରିଆରେ କରାଯିବାକୁ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଏଥିଲାଗି ୪୦ଟି ଉଚ୍ଚକ୍ଷମତାସଂପନ୍ନ କ୍ୟାମେରା ବ୍ୟବହାର କରାଯିବ । ସେ କହିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମକୁ ଅତି ନିକଟରୁ ସିଧାସଳଖ ଦର୍ଶକ ମାନଙ୍କ ନିକଟରେ ପହଞ୍ଚାଇବା ଲାଗି ହେଲି କ୍ୟାମେରା ବ୍ୟବହାର କରାଯିବ । ପ୍ରସାର ଭାରତୀର ମୁଖ୍ୟ ପରିଚାଳନା ଅଧିକାରୀ ଗୌରବ ଦ୍ୱିବେଦୀ, ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର, ଦୂରଦର୍ଶନ ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦ, ଦୂରଦର୍ଶନ ସମ୍ବାଦର ମହାନିର୍ଦ୍ଦେଶକ ପ୍ରିୟ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ସୂଚନା ଅନୁଯାୟୀ, ଆଜିଠାରୁ କୁମ୍ଭବାଣୀ ଚ୍ୟାନେଲ୍ ଫେବୃୟାରୀ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୫ଟା ୫୫ ମିନିଟରୁ ରାତି ୧୦ଟା ୫ ମିନିଟ୍ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପ୍ରସାରଣ କରିବ । ସେଥିରେ ସ୍ୱତନ୍ତ୍ର କୁମ୍ଭ ସମ୍ବାଦ ସିଧାପ୍ରସାର ଏବଂ ପ୍ରତ୍ୟେକଟି ଘଟଣାର ସିଧାସଳଖ ଉପସ୍ଥାପନ

କରାଯିବ । ଏଥିସହିତ ସ୍ୱାସ୍ଥ୍ୟ, ଗମନାଗମନ ଓ ସ୍ୱଚ୍ଛତା ବିଷୟରେ ମଧ୍ୟ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି କାର୍ଯ୍ୟକ୍ରମ ଗୁଡ଼ିକ ୧୦୩ ଦଶମିକ ୫ ମେଗାହର୍ଜ ଫ୍ରିକୁଏନ୍ସି ଯୋଗେ News on air app ଏବଂ ଓ୍ୱେଭସ୍ ଓଟିଟି ପ୍ଲାଟଫର୍ମରେ ଶୁଣାଯାଇ ପାରିବ ।

## ଉତ୍ତରାଖଣ୍ଡ-ୟୁସିସି ଟ୍ରେନିଂ

ଏକକ ନାଗରିକ ସଂହିତା ସଂପର୍କରେ ସରକାରୀ ଅଧିକାରୀମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ ଉତ୍ତରାଖଣ୍ଡରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ଚାମୋଲି ଜିଲ୍ଲାରେ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ୟୁସିସି ପୋର୍ଟାଲ୍‌ରେ କିଭଳି ପଞ୍ଜୀକରଣ କରାଯିବ, ସେ ସଂପର୍କରେ ତାଲିମ ପ୍ରଦାନ କରାଯାଉଛି । ଏହାଦ୍ୱାରା ୟୁସିସି ନିମନ୍ତେ ଆବେଦନ ଗୁଡ଼ିକର ପ୍ରକ୍ରିୟାକରଣ ସହଜରେ ହୋଇପାରିବ ଓ ଏଥିରେ ଦେଖା ଦେଉଥିବା ବୈଷୟିକ ସମସ୍ୟାଗୁଡ଼ିକୁ ସହଜରେ ସମାଧାନ କରାଯାଇ ପାରିବ ।

ସୂଚନା ଅନୁଯାୟୀ ଉତ୍ତରାଖଣ୍ଡର ବିଭିନ୍ନ ବ୍ଲକରେ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉତ୍ତରାଖଣ୍ଡରେ ଚଳିତମାସରୁ ଏକକ ନାଗରିକ ସଂହିତା ଲାଗୁ କରାଯିବାକୁ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଘୋଷଣା କରିଥିଲେ ।

## ସିବିଆଇ-ଚିଦାମ୍ବରମ୍

ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଓ ତାଙ୍କ ପୁଅ କଂଗ୍ରେସ ସାଂସଦ କାର୍ତ୍ତି ଚିଦାମ୍ବରମ୍‌ଙ୍କ ବିରୋଧରେ ସି.ବି.ଆଇ. ନୂଆ ଏତଲା ଦାୟର କରିଛି ।

ଅର୍ଥ ଠକେଇ ମାମଲାରେ ଏହି ଏତଲା ଦାୟର କରାଯାଇଥିବା ଜଣାପଡ଼ିଛି । କାର୍ତ୍ତି ଚିଦାମ୍ବରମ୍ ଏବଂ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନିୟନ୍ତ୍ରଣାଧିନ କମ୍ପାନୀ ଆଡ୍‌ଭାଣ୍ଟେଜ୍ ଷ୍ଟ୍ରାଟେଜିକ୍ କନ୍‌ସଲ୍‌ଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ସନ୍ଦେହଜନକ ଭାବେ ଡିଆଗୋ ସ୍କଟ୍‌ଲାଣ୍ଡ ଏବଂ ସିକୋୟା କ୍ୟାପିଟାଲ୍‌କୁ ଅର୍ଥ ପ୍ରଦାନରେ ଅନିୟମିତତା ହୋଇଥିବା ଜଣାପଡ଼ିଛି ।

---

# କ୍ରିକେଟ୍

ମହିଳା କ୍ରିକେଟ୍‌ରେ ଭାରତ ଓ ଆୟାରଲ୍ୟାଣ୍ଡ ମଧ୍ୟରେ ୩ ଟିକିଆ ଏକଦିବସୀୟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି ଗୁଜରାଟର ରାଜକୋଟସ୍ଥିତ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଖେଳାଯାଉଛି । ଆୟାରଲ୍ୟାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଆୟାରଲ୍ୟାଣ୍ଡ. ୪୦ ଓଭର୍ ଗୋଟିଏ ବଲ୍‌ରେ ୫ଟି ଓ୍ୱିକେଟ୍ ହରାଇ ୧୮୫ ରନ୍ କରିଥିଲା ।

ଏହି ଶୃଙ୍ଖଳାରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟକ ଭାବେ ସ୍ମୃତି ମନ୍ଧାନା ଏବଂ ଉପ-ଅଧିନାୟକ ଭାବେ ଦୀପ୍ତି ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ହରମନ୍ ପ୍ରୀତ୍ କୌର ଓ ରେଣୁକା ସିଂ ଠାକୁରଙ୍କୁ ବିଶ୍ରାମ ଦିଆଯାଇଛି । ଅନ୍ୟପକ୍ଷରେ ଗ୍ୟାବି ଲୁଇସ୍ ଏବଂ ଓର୍ଲା ପ୍ରେଣ୍ଡର ଗାଷ୍ଟ୍’ ଆୟାରଲ୍ୟାଣ୍ଡ ଦଳର ନେତୃତ୍ୱ ନେଇଛନ୍ତି ।

---